To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

### ଟିଏମସି ସାଂସଦ ତାପସ୍ ପାଲଙ୍କୁ ଜାମିନ୍



R.N.I. No.-42041/83 Vol-15, Issue No.212, ଭଦ୍ରକ, ଶୁକ୍ରବାର, ୨, ଫେବୃୟାରୀ ୨୦୧୮ ■ Bhadrak, Friday, 2 February 2018 Rs. 2.00 Pages-8

# ବଜେଟ୍‌ରେ ନିର୍ବାଚନୀ ବାସ୍ନା

- ବଜେଟରେ ୨୪, ୪୨, ୨୧୩ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ
- ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ
- ୧୦ କୋଟି ପରିବାରକୁ ଦିଆଯିବ ସ୍ୱାସ୍ଥ୍ୟବୀମା
- ଆଉ ୨୪ଟି ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ
- କୃଷି ଓ କୃଷକଙ୍କୁ ଆଶ୍ୱସ୍ତି, ଏମ୍‌ଏସ୍‌ପି ବଢ଼ିଲା
- ୩ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ପ୍ରଦାନ ପ୍ରସ୍ତାବ
- ୮ କୋଟି ପରିବାରକୁ ଦିଆଯିବ ମାଗଣା ରନ୍ଧନ ଗ୍ୟାସ

| ଶସ୍ତା | ମହଙ୍ଗା |
|---|---|
| ପେଟ୍ରୋଲ ଓ ଡିଜେଲ୍ | ମୋବାଇଲ, ସୁନାରୁପା |
| କାଜୁ | ସ୍ମାର୍ଟୱାଚ୍, ଟିଭି |
| ସୋଲାର ପ୍ୟାନେଲ୍ | ହାତଘଣ୍ଟା, ହୀରା ଓ ମୂଲ୍ୟବାନ୍ ପଥର |
| ଶ୍ରବଣଯନ୍ତ୍ର | ବାଇକ୍, ଦାମୀ କାର୍, ଭିଡିଓଗେମ୍ |
| ବଲ୍‌ସ୍କୁ | ସିଗାରେଟ୍, ସିଲ୍କ ଲୁଗା |



ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୨ :- ଲୋକସଭାରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥ ମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ। ବଜେଟରେ ୨୪, ୪୨, ୨୧୩ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି । ଗ୍ରାମାଂଚଳ ଭିତିଭୂମି ନିର୍ମାଣ ଲାଗି ମୋଟ ୧୪.୩୪ ଲକ୍ଷ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି । ଗ୍ରାମ୍ୟ ବିକାଶ ପାଇଁ ୧,୩୮,୦୯୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୩ ଲକ୍ଷ କିଲୋମିଟରରୁ ଅଧିକ ସଡକ ନିର୍ମାଣ ଯୋଜନା କରାଯାଇଛି । ସେହିପରି ୩ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ପ୍ରଦାନ ପ୍ରସ୍ତାବ କରାଯାଇଛି । ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଅଧିନରେ ୧.୫ ଲକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆରମ୍ଭ ହେବ ସୁପରିକଳ୍ପିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ ସ୍ଥାନିତ ହୋଇଛି । ବିଶ୍ୱର ସର୍ବ ବୃହତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧିନରେ ସାମିଲ ହେବେ ୧୦ କୋଟି ଗରୀବ ପରିବାର ତଥା ୫୦ କୋଟି ହିତାଧିକାରୀ ସାମିଲ ହେବାର ଯୋଜନା ରହିଛି । ଏହି ଯୋଜନାରେ ପ୍ରତିବର୍ଷ ଜଟିଳ ଚିକିତ୍ସା ପାଇଁ ଗରୀବଙ୍କୁ ମିଳିବ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଏବଂ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା କରାଯାଇଛି । ଯକ୍ଷ୍ମା ରୋଗୀଙ୍କ ପାଇଁ ଆରମ୍ଭ ହେବ ୬୦୦ କୋଟି ଟଙ୍କାର ପୁଷ୍ଟିସାଧନ ଯୋଜନା କରାଯାଇଛି । ସେହିପରି ଦେଶରେ ଆଉ ୨୪ଟି ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନାର ଯୋଜନା କରାଯାଇଛି । ପ୍ରତି ୩ ସଂସଦୀୟ କ୍ଷେତ୍ର ପାଇଁ ରହିବ ଗୋଟିଏ ଲେଖାଏଁ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରାଯିବ । ଜେଟ୍‌ଲୀଙ୍କ ବଜେଟ୍ କୃଷି ଓ କୃଷକଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି । କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୨୦୧୮-୧୯ ଆର୍ଥିକ ବର୍ଷ ସକାଶେ ୬୩,୮୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କୃଷି ଉତ୍ପାଦ ସଂରକ୍ଷଣ ପାଇଁ ଆରମ୍ଭ ହେବ ଅପରେସନ ଗ୍ରୀନ ଏଥିଲାଗି ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ୧୧ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ଯୋଜନା କରାଯାଇଛି । ଏଣିକି ସବୁ ଫସଲକୁ ମିଳିବ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମିଳିବ । ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ୧.୫ ପ୍ରତିଶତ ହାରରେ ବଢ଼ିବ । ଜୈବିକ କୃଷିର ବିକାଶ ଲାଗି ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଦେଶର ୨୨ ହଜାର ଗ୍ରାମ୍ୟ ହାଟକୁ ସ୍ଥାୟୀ କୃଷି ବଜାର ରୂପେ ବିକଶିତ କରାଯାଇ ଇ-ନାମ (ଏକୀକୃତ ଜାତୀୟ ଇଲେକ୍ଟ୍ରୋନିକ କୃଷି ବଜାର) ସହ ଯୋଡାଯିବ । ୨୦୧୮ ମାର୍ଚ୍ଚ ସୁଦ୍ଧା ଇ-ନାମ ସହ ୫୮୫ ମଣ୍ଡି ଯୋଡିବାକୁ ଯୋଜନା ଲକ୍ଷ୍ୟ ରଖାଯାଇଛି । ବର୍ତମାନ ସୁଦ୍ଧା ୪୭୦ ମଣ୍ଡି ଇ-ନାମ ନେଟୱର୍କରେ ସାମିଲ ରହିଛି । ଦେଶରୁ କୃଷି ଉତ୍ପାଦ ରପ୍ତାନୀ ୧୦୦ ବିଲିୟନ ଡଲାରରେ ପହଂଚାଇବାକୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ କରାଯାଇଛି । ୪୨ଟି ମେଗା ଖାଦ୍ୟ ପାର୍କ ନିର୍ମାଣର ପ୍ରସ୍ତାବ ରହିଛି । ସେହିପରି ମାଛ ଚାଷ ଓ ପଶୁପାଳନ ପାଇଁ ୨ଟି ନୂଆ ପାଣ୍ଠି ଗଠନ ସହ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର କୃଷି ଉତ୍ପାଦ କ୍ଲଷ୍ଟରକୁ ବିକଶିତ କରାଯିବ । ଖାଦ୍ୟ ଉତ୍ପାଦନ ରେକର୍ଡସ୍ତରରେ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି । କୃଷି ବର୍ଜ୍ୟ ପୋଡି ଯୋଗୁଁ ଉତ୍ପନ୍ନ ବାୟୁ ପ୍ରଦୂଷଣ ରୋକିବାକୁ ସ୍ୱତନ୍ତ୍ର ଯୋଜନା କରାଯାଇଛି । କୃଷି ଉତ୍ପାଦ କାରବାର କରୁଥିବା ସଂସ୍ଥାମାନଙ୍କୁ ୧୦୦ ପ୍ରତିଶତ ଟିକସ ରିହାତି କରାଯାଇଛି । ପ୍ରତି ଗାଁକୁ ସ୍ୱଚ୍ଛ ରଖିବା ଲାଗି ଆରମ୍ଭ ହେବ ଗୋବର୍ଦ୍ଧନ ଯୋଜନା ପ୍ରଣୟନ ନିୟମ ହୋଇଛି । ଏଣିକି କିଷାନ କ୍ରେଡିକ କାର୍ଡ ଜରିଆରେ ମତ୍ସ୍ୟଚାଷ ଓ ପଶୁପାଳନ ପାଇଁ ମିଳିବ ଋଣ ସହାୟତା ମିଳିବ । ୧୧୫ ଅଭିଳାଷୀ ଜିଲ୍ଲାକୁ ଆଦର୍ଶ ଜିଲ୍ଲାରେ ପରିଣତ କରିବା ଲାଗି ହେବ ନିରନ୍ତର ବିକାଶ କାର୍ଯ୍ୟକ୍ରମ କରାଯିବ । ୮ କୋଟି ପରିବାରକୁ ଉଜ୍ଜଳା ଯୋଜନାରେ ଦିଆଯିବ ମାଗଣା ରନ୍ଧନ ଗ୍ୟାସ ସଂଯୋଗ କରାଯାଇଛି । ସୌଭାଗ୍ୟ ଯୋଜନାରେ ୪ କୋଟି ଗରୀବ ପରିବାରକୁ ମିଳିବ ମାଗଣା ବିଜୁଳୀ ସଂଯୋଗ କରାଯିବ । ୨୦୧୮-୧୯ରେ ଅଧିକ ୫୧ ଲକ୍ଷ ଆବାସ ନିର୍ମାଣର ଯୋଜନା କରାଯିବାର ଲକ୍ଷ୍ୟ ରଖାଯାଇଛି । ରାଷ୍ଟ୍ରୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ ପାଇଁ ୫,୭୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଭୂତଳ ଜଳ ସେଚନ ଯୋଜନା ପାଇଁ ୯୬ଟି ଜଳକ୍ଲଷ୍ଟ ଜିଲ୍ଲାରେ ଆରମ୍ଭ କରାଯିବ ନୂଆ ଯୋଜନା ଖର୍ଚ୍ଚ ହେବ ୨,୬୦୦ କୋଟି ଟଙ୍କା । ସେହିପରି ଦେଶରେ ୨୦୧୮-୧୯ରେ ୧.୮୮ କୋଟି ଶୌଚାଳୟ ନିର୍ମାଣର ପ୍ରସ୍ତାବ ରଖାଯାଇଛି । ୯୯ଟି ସ୍ମାର୍ଟ ସିଟି ଲାଗି ୧.୨୧ ଲକ୍ଷ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି । ହୃଦୟ ଯୋଜନାରେ ୧୦୦ଟି ଆଦର୍ଶ କୀର୍ତିରାଜୀକୁ ବିକଶିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଭାରତମାଳା ପରିଯୋଜନା ଅଧିନରେ ସଡକ ନିର୍ମାଣକୁ ମଞ୍ଜୁରି ମିଳିଛି । ୨୦୧୮-୧୯ ଆର୍ଥିକ ବର୍ଷରେ ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ କରାଯାଇଛି । ଏଥିସହିତ ୬୦୦ ରେଳ ଷ୍ଟେସନର ହେବ ପୁନଃବିକାଶ କରାଯିବ । ତତ୍‌ସଂଗେ ସଂଗେ ୩,୬୦୦ କିଲୋମିଟର ରେଳପଥର ହେବ ନବୀକରଣ କରାଯିବ । ୨୦୧୮-୧୯ ଆର୍ଥିକ ବର୍ଷରେ ୮୦,୦୦୦ କୋଟି ଟଙ୍କାର ସରକାରୀ ପୁଞ୍ଜି ବିନିବେଶ ପାଇଁ ଅର୍ଥମନ୍ତ୍ରୀଙ୍କ ଘୋଷଣା (ପୃଷ୍ଠା-୭)

### ସବୁ ବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ

## ଓଡିଶା ଭଳି ରାଜ୍ୟ ଅଧିକ ଲାଭବାନ ହେବେ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ /ଭୁବନେଶ୍ୱର: ଓଡିଶା ଭଳି ରାଜ୍ୟର ଜନତା କେନ୍ଦ୍ର ସରକାରଙ୍କ ବଜେଟରୁ ସବୁଠାରୁ ଅଧିକ ଲାଭବାନ ହେବେ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଆଗତ ବଜେଟ ସମୟ ଉପଯୋଗୀ ଓ ଭାରତର ମୂଳ ସମସ୍ୟାକୁ ସମାଧାନ ପାଇଁ ଉଦ୍ଦିଷ୍ଟ ଥିବା ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାଗ ଚାଷୀଙ୍କୁ ସରକାରୀ ଋଣ ମିଳିବା, ଓଡିଶା ଭଳି ରାଜ୍ୟରେ ଏକ ପ୍ରମୁଖ ସମସ୍ୟା । ମାତ୍ର କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ଭାଗଚାଷୀଙ୍କୁ ସରକାରୀ ଋଣ ମିଳିବାର ବ୍ୟବସ୍ଥା ଏହି ବଜେଟରେ କରି ଓଡିଆ ଭାଗ ଚାଷୀଙ୍କୁ ସହଯୋଗର ହାତ ବଢାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କୃଷି, ଗ୍ରାମୀଣ ବିକାଶ, ଲଘୁ, ମଧ୍ୟମ ଶିଳ୍ପ, ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅରୁଣ ଜେଟଲୀଙ୍କ ବଜେଟରେ ପ୍ରାଥମିକତା ଦିଆ ଯାଇଛି । କୃଷି, ଗ୍ରାମୀଣ ବିକାଶ କ୍ଷେତ୍ରରେ ଚଳିତ ବଜେଟରେ ସାଢେ ୧୪ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହେବା ଏକ ସାର୍ବଜନୀନ ରେକର୍ଡ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କୃଷି ଓ କୃଷକଙ୍କୁ ପ୍ରାଥମିକତା ଦେଇ କୃଷି ଜାତ ଦ୍ରବ୍ୟର ଉତ୍ପାଦନ ମୂଲ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ ଗୁଣ କରିବା ପାଇଁ ନିଷ୍ପତି ଯୁଗାନ୍ତକାରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଅନୁସୂଚିତ ଜାତି, ଜନଜାତି,ଗ୍ରାମୀଣ ଭିତିଭୂମି ପାଇଁ ଥିବା ଅର୍ଥ ବ୍ୟୟବରାଦ ଓଡିଶା ଭଳି କୃଷି ଭିତିକ ଗ୍ରାମୀଣ ଅର୍ଥନୀତିକୁ ବିଶେଷ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମାତ୍ର ବଜେଟକୁ ବିଜେଡିର ସମାଲୋଚନା ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁ ମାନେ ଦାୟିତ୍ୱରେ ଥାଇ ଚରମ ବିଫଳ ହୁଅନ୍ତି ସେମାନେ ଅନ୍ୟ ମାନଙ୍କୁ ସହି ପାରନ୍ତି ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାଗଚାଷୀ ମାନଙ୍କୁ ଋଣ ମିଳିଲେ ଓଡିଶାକୁ ଲାଭ ହେବ କି ନାହିଁ ? ଦେଶର ସ୍ୱାସ୍ଥ୍ୟ ବୀମାରେ ୫୦ କୋଟି ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଗଲେ ଓଡିଶାର ଭାଗ ସେଥିରେ ଲାଭ ଦାୟକ ହେବ କି ନାହିଁ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ମିଶ୍ରିତ ପ୍ରତିକ୍ରିୟା

### କେନ୍ଦ୍ର ସରକାରଙ୍କର ଚେଷ୍ଟାକୁ ସ୍ୱାଗତ



କୃଷକଙ୍କ ଧାନର ଏମ୍‌ଏସ୍‌ପି ବଢ଼ାଇବା ପାଇଁ ଆମର ବହୁତ ଦିନର ଦାବି ଥିଲା । ଆମର ଦାବି କିଛିମାତ୍ରାରେ ପୂରଣ ହୋଇଛି । କିନ୍ତୁ ଅମଳର ପ୍ରକୃତ ଖର୍ଚ୍ଚକୁ ଠିକ୍ ଭାବରେ ହିସାବ ନେବାର ଥିଲା । ମୁଁ କେନ୍ଦ୍ର ସରକାରଙ୍କର ଚେଷ୍ଟାକୁ ସ୍ୱାଗତ କରୁଛି ଏବଂ ଆଶା କରୁଛି ପ୍ରକୃତ ଖର୍ଚ୍ଚକୁ ଠିକ୍ ଭାବରେ ହିସାବକୁ ନେବେ । ୧୦ କୋଟି ଗରିବ ପରିବାରକୁ ଜାତୀୟ ସ୍ୱାସ୍ଥ୍ୟବୀମା ଯୋଗାଇଦେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ସମସ୍ତ ଗରିବ ପରିବାରକୁ ଏହି ଯୋଜନାର ଅର୍ନ୍ତଭୁକ୍ତ କରାଗଲେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ । କେନ୍ଦ୍ର ସରକାରଙ୍କ କେବିକେ ଏବଂ ଆଦିବାସୀ ଅଞ୍ଚଳପ୍ରତି କୌଣସି ଯୋଜନା ନ କରିବା ମୋତେ ନିରାଶ କରିଛି । ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଅନ୍ୟ ଦୁର୍ବଳ ବର୍ଗଙ୍କ ପ୍ରତି ପ୍ରାବଧାନ ଅର୍ଥ ଅତ୍ୟନ୍ତ ନଗଣ୍ୟ । ମନରେଗା, ମଧ୍ୟାହ୍ନଭୋଜନ,ଜାତୀୟ ସ୍ୱାସ୍ଥ୍ୟମିଶନ ଏବଂ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ପ୍ରାବଧାନ କରାଯାଇଥିବା ଅର୍ଥକୁ ନେଇ ମୁଁ ନିରାଶ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାବଧାନ କମାଯାଇଛି । ଯାହାକୁ ନେଇ ମୁଁ ଆଶ୍ଚର୍ଯ୍ୟ କାରଣ ସମସ୍ତଙ୍କ ପାଇଁ ଗୃହର ସ୍ଲୋଗାନ ଆମେ ଦେଉଛୁ । ପିଇବା ପାଣି ଏବଂ ଜଳସେଚନ ଯୋଜନାରେ ଅର୍ଥର ପ୍ରାବଧାନ ଅତି ନଗଣ୍ୟ ରହିଛି ।

### ଓଡ଼ିଶାରେ ରେଳ ବିକାଶ ପାଇଁ ପଦକ୍ଷେପ ନାହିଁ

ଭାରତୀୟ ରେଳବାଇ ଓଡ଼ିଶାରୁ ସବୁଠାରୁ ଅଧିକ ରାଜସ୍ୱ ପାଉଛି । କିନ୍ତୁ ଓଡ଼ିଶାରେ ବିକାଶ ପାଇଁ ସେଭଳି କିଛି ପଦକ୍ଷେପ ନେଇନାହିଁ। ରାଜଧାନୀ ଏକ୍ସପ୍ରେସ୍ ଭାୟା ସମ୍ବଲପୁର, ବଲାଙ୍ଗିର-ଆହ୍ଲାବାଦ ଏବଂ ପାଇକବୀର ବକ୍ସିଜଗବନ୍ଧୁଙ୍କ ନାମରେ ଟ୍ରେନ୍ ଚଳାଇବା ପାଇଁ ଆମେ ଦାବି ଜଣାଉଛୁ। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୬୫୦୦ କୋଟି ଟଙ୍କା ରେଲୱେ ବଜେଟରେ ପାଇବା ପାଇଁ ଦାବି ଜଣାଇଥିଲୁ । ଏଥର ଆମେ ଆଶାକରୁଛୁ କେନ୍ଦ୍ର ସରକାର ଆମକୁ ସହଯୋଗ କରିବେ । ରେଳବାଇ ଦ୍ୱାରା ୪୦୦ ରେଲୱେ ଷ୍ଟେସନର ପୂର୍ନ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା । ଏହି ଯୋଜନାରେ ଓଡ଼ିଶାରେ ୧୨ଟି ଷ୍ଟେସନକୁ ଅର୍ନ୍ତଭୁକ୍ତ କରାଯାଇଥିଲା । ରାଜ୍ୟ ସରକାର ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ରେଲୱେ ଷ୍ଟେସନ କରିବା ପାଇଁ ଜାଗା ଯୋଗାଇ ଦେବା ସଙ୍ଗେସଙ୍ଗେ ଶତପ୍ରତିଶତ ଆର୍ଥିକ ସହାୟତା କରିବେ ବୋଲି ରେଳବାଇ ବିଭାଗ ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । (ପୃଷ୍ଠା-୭)

## ୯ ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ୍

ବାଲେଶ୍ୱର, ୧।୨ (ସକାଳ ଖବର): ଜଳେଶ୍ୱର ପୌରାଚଂଳ ଅଧିନସ୍ଥ ଜଳେଶ୍ୱରର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ବନ୍ଧୁକ ମୁନରେ ଦୁର୍ବୃତ ମାନେ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ଆଜି ଅପରାହ୍ନ ୩ଟା ୫ ମିନିଟ୍ ସମୟରେ ବ୍ୟାଙ୍କ ମ୍ୟାନେଜର କୌଣସି କାମରେ ବାହାରକୁ ଯାଇଥିବା ବେଳେ କ୍ୟାସିୟର୍ (ପୃଷ୍ଠା-୭)



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ



ହୁଣ୍ଡିର ଆୟ (୩୧.୧୧.୧୭)
୧,୨୮,୮୩୯

## ରମାଦେବୀ ଦ୍ୱିତୀୟ କ୍ୟାମ୍ପସ୍‌କୁ ବିରୋଧ ତେଜିଲା



### ଏନଏଚ୍ ଅବରୋଧ କଲେ ବାଣୀବିହାର ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧।୨ (ସକାଳ ଖବର): - ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଉତ୍କଳ ବିଶ୍ୱ ବିଦ୍ୟାଳୟର ୩୦ ଏକର ଜମି ଜମି ଦିଆଯିବା ନିଷ୍ପତି ପ୍ରତିବାଦରେ ବାଣୀବିହାର ଛାତ୍ରଛାତ୍ରୀ ମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଛାତ୍ରଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରି ପ୍ରତିବାଦ ଜଣାଇଛନ୍ତି । ଅନ୍ୟପକ୍ଷରେ ଅଧ୍ୟାପକ ଏବଂ କର୍ମଚାରୀ ମାନେ ଏହି ଆନ୍ଦୋଳନକୁ ସମର୍ଥନ କରି କାର୍ଯ୍ୟ ବନ୍ଦ କରିଛନ୍ତି । ଗୁରୁବାର ଦିନ ଛାତ୍ରଛାତ୍ରୀମାନେ ବାଣୀବିହାର ଗେଟ୍ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ ଜଣାଇବା ପରେ ବିଶ୍ୱବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ରମାଦେବୀର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଜମି ଦେବାକୁ ବିରୋଧ କରି ୩ଟି ସଙ୍ଗଠନର ଛାତ୍ରଛାତ୍ରୀମାନେ ଏକାଠି ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଜିଭିଭି ଶର୍ମା ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ତୁରନ୍ତ ବଦଳି କରିବା ପାଇଁ ଛାତ୍ରଛାତ୍ରୀମାନେ (ପୃଷ୍ଠା-୭)

## କୁନ୍ଦୁଲି ପୀଡ଼ିତାଙ୍କ ପରିବାର ପକ୍ଷରୁ ଜିଲା ଜଜକୋର୍ଟରେ ମାମଲା ଦାୟର

# ଡିଆଇଜି, ଏସପିଙ୍କ ସମେତ ୧୧ ଜଣଙ୍କ ନାମରେ ମାମଲା ଦାୟର

ଜୟପୁର, ୧।୨ (ସକାଳ ଖବର): କୁନ୍ଦୁଲି ପୀଡ଼ିତାଙ୍କ ପରିବାର ତରଫରୁ ଜୟପୁର ସ୍ଥିତ ଜିଲା ଜଜକୋର୍ଟ ରେ ଡିଆଇଜି, ଏସପି, ଡାକ୍ତର, ଫରେନସିକ୍ ଲାବୋରେଟୋରିର ୨ ଜଣ ସହକାରୀ ନିର୍ଦ୍ଦେଶକଙ୍କ ସମେତ ୧୧ ଜଣଙ୍କ ନାମରେ ୱାନସିସି ମାମଲା ଦାୟର କରାଯାଇଛି । ମାମଲାର ବିବରଣିରୁ ପ୍ରକାଶ ଯେ, କୁନ୍ଦୁଲି ପୀଡ଼ିତାଙ୍କ ଭାଇ ଭଗବାନ ଛତିଙ୍କ ଅଭିଯୋଗକୁ ଭିତି କରି ଜୟପୁର ସ୍ଥିତ ଜିଲା ଦୌରାଜଜ୍ କୋର୍ଟରେ ୱାନସିସି ମାମଲା ରୁଜୁ କରାଯାଇଛି । ଦକ୍ଷିଣ ପଶ୍ଚିମାଚଂଳ ଡିଆଇଜି ଏସ ସାଇନି, କୋରାପୁଟ ଏସପି କନୱର ବିଶାଲ ସିଂ, ଡେପୁଟୀ ଏସପି ନିରଞ୍ଜନ ବେହେରା, ଜିଲା ପୋଲିସ ମୁଖ୍ୟାଳୟର ଇନସପେକ୍ଟର ମମତା ପାଣିଗ୍ରାହୀ, ପଟ୍ଟାଙ୍ଗି ଥାନା ଅଧିକାରି ଦେବ କୁମାର ଗମାଙ୍ଗ, ଜିଲା କଲ୍ୟାଣ ଅଧିକାରି, ପଟାଙ୍ଗି ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରି, ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା କରୁଥିବା ଡାକ୍ତର ସହକାରୀ ନିର୍ଦ୍ଦେଶକ, ସହକାରୀ ରସାୟନବିତ, ବାୟୋଲୋଜିକାଲ ବିଭାଗ, ରାଜ୍ୟ ଫରସେନିକ୍ ଲ୍ୟାବ ଓ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ରସାୟନବିତ୍ ସେରୋଲୋଜି ବିଭାଗ ରାଜ୍ୟ ଫରସେନିକ୍ ଲ୍ୟାବଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି । ସରକାରୀ ଅବହେଳା ଓ ଉଦାସିନତା ରାଜ୍ୟ ସରକାରଙ୍କ ସମ୍ମାନ ବଂଚାଇବା ପାଇଁ ଚଂଚକତା କରାଯାଇ ତଦନ୍ତ ପକ୍ରିଆକୁ ପ୍ରଭାବିତ କରାଯାଇଛି । ଏଥିରେ ମ୍ରିୟମାଣ ହୋଇ ନାବାଳିକା ଜଣକ ଆତ୍ମହତ୍ୟା କରିଛନ୍ତି ବୋଲି ଉଲ୍ଲେଖ କରାଯାଇଛି । ଅଭିଯୋଗ ମୁତାବକ ଜୟପୁର ସ୍ଥିତ ଜିଲା ଦୌରାଜଜ୍ ବିଦ୍ୟୁତ କୁମାର ମିଶ୍ରଙ୍କ କୋର୍ଟରେ ୭୭/୨୦୦୮ରେ ମାମଲା ରୁଜୁ ହୋଇଛି । ଏନେଇ ଭାରତୀୟ ପିଙ୍ଗଳ ଧାରା ୧୨୦(ବି), ୧୮୮, ୧୬୬, ୧୬୭, ୨୦୧, ୩୦୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଆବେଦନକାରୀ ପୀଡ଼ିତାଙ୍କ ଭାଇ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ପାଟାଙ୍ଗୀ ଥାନାରେ ୧୦୨/୧୭ ରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଇନଥିଲା । ସେହିଭଳି ଜିଲା ପୋଲିସ ମୁଖ୍ୟାଳୟର ପ୍ରଥମ ତଦନ୍ତକାରୀ ଇନ୍ସପେକ୍ଟର ଘଟଣାକୁ କୈଣସି ଗୁରୁତ୍ୱ ଦେଇନଥିଲେ । କିମ୍ବା କୌଣସି ପ୍ରକାର ସୁରକ୍ଷା ତଥା ସହାୟତା ଯୋଗାଇ ନଥିଲେ ବୋଲି ଅଭିଯୋଗକାରୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ରାଜ୍ୟ ପୋଲିସ ମୁଖ୍ୟାଳୟରେ ଥିବା ମାନବାଧିକାର ସେଲ୍‌କୁ ମଧ୍ୟ ଅବଗତ କରାଇନଥିଲେ । ଏନେଇ ହେୟଜ୍ଞାନ ମନ ଭାବ ପୋଷଣ କରିଥିଲେ । ଏନେଇ ଜିଲା ଏସପି ମଧ ସମୟୋଚିତ ପଦକ୍ଷେପ ନେଇନଥିବା କଥା ପୀଡ଼ିତାଙ୍କ ଭାଇ ଭଗବାନ ଛତି ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ସେହିଭଳି ଦକ୍ଷିଣ ପଶ୍ଚିମାଚଂଳ ଡିଆଇଜି ଦୋଷିକୁ ଧରିବା ପାଇଁ କୈଣସି ତତ୍ପରତା ପ୍ରକାଶ କରିନଥିବା ଅଭିଯୋଗ ହୋଇଛି । ଏଭଳି ଅବହେଳା ଘଟଣାରେ ଜଡ଼ିତ ଥିବା ସମସ୍ତ ସରକାରୀ ଅଧିକାରିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଜଜ୍ ଙ୍କ ନିକଟରେ ସେ ନିବେଦନ କରିଛନ୍ତି ।

# ସମସ୍ତ ପିଆଇଏଲର ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୧।୨ : ସୁପ୍ରିମକୋର୍ଟର ୪ ଜଜ ଦ୍ୱାରା ମୁଖ୍ୟ ବିଚାରପତିଙ୍କ ବିରୋଧରେ ମହତ୍ୱପୂର୍ଣ୍ଣ ମାମଲାର ଆବଣ୍ଟନ ଉପରେ ପ୍ରଶ୍ନ ଉଠିବା ପରେ ଏବେ ଜନସ୍ୱାର୍ଥ ମାମଲାକୁ ନେଇ ନୂତନ ରୋଷ୍ଟର ସିଷ୍ଟମ ତିଆରି କରାଯାଇଛି । ଏହା ମୁତାବକ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ସମସ୍ତ ଜନହିତ ଯାଚିକାର ଶୁଣାଣି କରିବେ ଅର୍ଥାତ ବାକି ୪ ଜଜ ଏହି ଜନହିତକର ମାମଲା ଦେଖିବେ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ମଧରେ ମାମଲାର ଆବଣ୍ଟନ ନେଇ ଏହି ରୋଷ୍ଟର ତିଆରି କରାଯାଇଛି । ପ୍ରଧାନ ବିଚାରପତି ଦୀପକ ମିଶ୍ର ଏହି ରୋଷ୍ଟର ସିଷ୍ଟମ ପ୍ରସ୍ତୁତ କରିଛନ୍ତି । ତାଙ୍କର ଏହି ନିର୍ଣ୍ଣୟକୁ ସୁପ୍ରିମକୋର୍ଟ ୱେବସାଇଟରେ ମଧ ସାର୍ବଜନୀନ କରାଯାଇଛି । ଏଥିରେ ସ୍ୱଷ୍ଟ ଭାବେ ଦର୍ଶାଯାଇଛି ଯେ ପ୍ରଧାନ ବିଚାରପତି ଜନସ୍ୱାର୍ଥ ଯାଚିକା ସହିତ ଜଡ଼ିତ ମାମଲାକୁ ନିଜ ପାଖରେ ରଖିବେ । ଏହି ରୋଷ୍ଟର ସିଷ୍ଟମ ଫେବୃଆରୀ ୫ରୁ ଲାଗୁ ହେବ । ଉଲ୍ଲେଖଯୋଗ୍ୟ ସ୍ୱାଧୀନ ଭାରତରେ ପ୍ରଥମ ଥର ସୁପ୍ରିମକୋର୍ଟର ୪ ଜଜ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ପ୍ରଶାସନିକ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ । ସାମ୍ବାଦିକ ସମ୍ମିଳନୀ ପରେ ୪ ଜଜ ଏକ ଚିଠି ଜାରି କରିଥିଲେ । ଯେଉଁଥିରେ ସିଜେଆଇର କାର୍ଯ୍ୟପ୍ରଣାଳୀ ଉପରେ ଗୁରୁତର ଅଭିଯୋଗ କରିଥିଲେ । ଏମିତି ସ୍ଥିତିରେ ମୁଖ୍ୟ ବିଚାରପତିଙ୍କ ପକ୍ଷରୁ ସମସ୍ତ ଜନସ୍ୱାର୍ଥ ଯାଚିକାକୁ ଦେଖିବା ନିଷ୍ପତ୍ତି ବହୁତ ମହତ୍ୱପୂର୍ଣ୍ଣ କୁହାଯାଉଛି ।



1333-O

I&PR- 25169/11/0018/1718







Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
**Editor - Amit Kumar Mallick**